# ଚୈତନ୍ୟଙ୍କ ଜୀବନୀ ଉପରେ ଆଲୋକପାତ

ତାଳଚେର,୫।୯(ମନୋଜ ନନ୍ଦ)

ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଅନୁଗୋଳ ବିଚାରଧାରା ଶାଖା ପକ୍ଷରୁ 'ଶ୍ରୀ ଚୈତନ୍ୟଙ୍କ ଜୀବନ ଓ ଦର୍ଶନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ଶାଖା ସଭାପତି ଡ. ପ୍ରଶାନ୍ତ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦ ଉପସଭାପତି ପ୍ରତାପ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଶାଖା ଉପସଭାପତି ହରେକୃଷ୍ଣ ଗିରି ଯୋଗଦେଇ ଶ୍ରୀ ଚୈତନ୍ୟ ଦେବଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ। ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି ସଂଯୋଜନା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଲୋକ ସଂସଦର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଚିତ୍ତରଞ୍ଜନ ନାୟକ, ଅମରେନ୍ଦ୍ର ଉଦ୍‌ଗାତା, ଅଭୟ ସୂତାର, ଗାୟତ୍ରୀ ଗିରି, ପ୍ରଭାତ ନଳିନୀ ଦାସ, ରବୀନ୍ଦ୍ରନାଥ ସାହୁ, ରୋହିତ ପଟେଲ, ଲତିକା ମହାପାତ୍ର, ପ୍ରବୀର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୩୭ ମଣ୍ଡପରେ ପୂଜା ପାଇବେ ବିଘ୍ନ ବିନାଶକ

- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ
- ୧୯ରେ ପୂଜା, ୨୫ରେ ଭସାଣି ଶୋଭାଯାତ୍ରା
- ବଳପୂର୍ବକ ଚାନ୍ଦା ଆଦାୟକୁ ପ୍ରଶ୍ରୟ ଦିଆଯିବନି

ଢେଙ୍କାନାଳ,୫।୯(ରତନ ନାୟାର)


ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ସହରରେ ଆସନ୍ତା ୧୯ ତାରିଖରେ ଗଣେଶ ପୂଜା ପାଳନ କରାଯିବ। ଏଥି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ପୂଜା ପରିଚାଳନା କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବଳପୂର୍ବକ ଚାନ୍ଦା ଆଦାୟକୁ ପ୍ରଶ୍ରୟ ନ ଦେବା ପାଇଁ ସମସ୍ତ ପୂଜା କମିଟିକୁ ପରାମର୍ଶ ଦେଇଥିଲେ।

ଆସନ୍ତା ୧୯ ତାରିଖରେ ସହରର ୩୭ଟି ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ୨୫ ତାରିଖରେ ଭସାଣି ଶୋଭାଯାତ୍ରା କରାଯିବ। ସହରର କାଠଶଙ୍ଖ, କୁଞ୍ଜକାନ୍ତ ଓ ଜେଲ ପୋଖରୀ ଆଦିରେ ମୂର୍ତ୍ତି ବିସର୍ଜନ କରାଯିବ। ସମସ୍ତ କମିଟି ପୂଜା ପେଣ୍ଡାଲ କରିବା ପାଇଁ ପୌରପାଳିକାରୁ ଅନୁମତି ନେବେ। ଲାଇଟ୍ ଓ ବିଦ୍ୟୁତ୍ ଉପକରଣ ପାଇଁ ଅଗ୍ନିଶମ ବିଭାଗରୁ ଓ ଭସାଣି ଶୋଭାଯାତ୍ରା ନିମନ୍ତେ ପୋଲିସ ବିଭାଗରୁ ଅନୁମତି ନେବାକୁ ବାଧ୍ୟତାମୂଳକ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଡିଜେ ସାଉଣ୍ଡର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି। ଭସାଣି ଶୋଭାଯାତ୍ରା ଦିନ ସମସ୍ତ ମେଢ ସକାଳ ୭ଟାରୁ ନିଜ ଆସ୍ଥାନ ଛାଡି ମିନି ଷ୍ଟାଡିୟମଠାରେ ସକାଳ ୮ଟା ମଧ୍ୟରେ ପହଞ୍ଚିବେ। ସେଠାରେ ଲଟେରି କରାଯାଇ କ୍ରମିକ ନମ୍ବର ହେବା ପରେ ସକାଳ ୯ଟାରୁ ଶୋଭାଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ ଶେଷ ହେବ। ଭସାଣିକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ଜିଲାପାଳ ମିଳିତ ଗଣେଶ ପୂଜା ସଭାପତିଙ୍କୁ କହିଥିଲେ। ଭସାଣି ଉତ୍ସବ ଦିନ ସହରର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳା ପାଇଁ ଆବଶ୍ୟକ ପୋଲିସ ନିୟୋଜିତ କରାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଥିଲେ। ପରିଚ୍ଛନ୍ନତା ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣାକୁ କାର୍ଯ୍ୟକାରୀ କରାଯିବ। ମୂର୍ତ୍ତି ବିସର୍ଜନ ସ୍ଥାନରେ ଲାଇଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆକର୍ଷଣୀୟ ମୂର୍ତ୍ତି, ମେଢ, ପାରିପାର୍ଶ୍ୱିକ ସାଜସଜ୍ଜା ଓ ଶୃଙ୍ଖଳା ପାଇଁ ପୂଜା ମଣ୍ଡପଗୁଡ଼ିକୁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳିତ ଗଣେଶ ପୂଜା କମିଟି ସଭାପତି ସୁଧାଂଶୁ କୁମାର ଦଳେଇ, ପୂଜା ଉତ୍ସବ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ତହସିଲଦାର ସୁଧାଂଶୁ କୁମାର ସାଓ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କଞ୍ଚନବାହାଲ ଅଞ୍ଚଳରେ ହାତୀ ଉପଦ୍ରବ

ଭୁବନ,୫।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଶାମଳ ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର ଏକ ଦନ୍ତାହାତୀ ଉପଦ୍ରବ ଚଳାଇଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଦନ୍ତାଟି ଗଁଦିଆ ବନାଞ୍ଚଳ ଦଲାରରୁ ବ୍ରାହ୍ମଣୀ ନଦୀ ପାର ହୋଇ କାର୍ତ୍ତନପୁର ଗ୍ରାମ ନିକଟରେ ଆଖୁ ଶିଲଂ ନଷ୍ଟ କରିବା ସହ ଜଣଙ୍କ ଘରୁ ଧାନ ଖାଇ ଦେଇଥିଲା। ପରେ କଞ୍ଚନବାହାଲ ଅଞ୍ଚଳର ମୁଣ୍ଡାସାହିର ଦିଲୀପ ମୁଣ୍ଡା ଓ ଅକ୍ଷୟ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଥିଲା। ଖବରପାଇ ଭୁବନ ବନବିଭାଗ କର୍ମଚାରୀ ପହଞ୍ଚି ଦନ୍ତା ଉପରେ ନଜର ରଖିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି କହିଛନ୍ତି, ହାତୀ ଗତିବିଧି ଉପରେ ନଜର ରଖାଯାଇଛି।

# ଗଣବଳାତ୍କାର ଘଟଣା: ମହିଳା ଗିରଫ

ବଅଁରପାଳ,୫।୯(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ଥାନା କୁରୁଡୁଲୁ ରାସ୍ତାରେ ଗତ ୨୧ ତାରିଖରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ସହଯୋଗ କରିଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଖଲାରୀ ଅଞ୍ଚଳର ଶିବାନୀ ନାୟକ(୨୨)ଙ୍କୁ ଗିରଫ କରିଛି। ଶିବାନୀଙ୍କୁ ମିଶାଇ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ପୋଲିସ କହିଛି, ଯୁବତୀ ଜଣକ ଏକ ଅଟୋରେ ଯାଉଥିବାବେଳେ କେତେଜଣ ଯୁବକ ଅଟୋକୁ ଅଟକାଇଥିଲେ। ପରେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ଏ ନେଇ ପୋଲିସ କେସ୍ ନଂ.୧୫୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ବାଇକ୍ ଚୋରି, ଥାନାରେ ଅଭିଯୋଗ

ଅନୁଗୋଳ,୫।୯(ଅମିତ ସାମଲ)

ଅନୁଗୋଳ ଜିଲା ବଅଁରପାଳ ଥାନା ନୂଆହତା ପଶୁପତିନଗରରୁ ଏକ ବାଇକ ଚୋରି ହୋଇଛି। ଏ ନେଇ କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ତାପସ କୁମାର ଗିରିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୩୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତାପସ ତାଙ୍କ ବାଇକ୍ ଗତ ଅଗଷ୍ଟ ୧୮ରେ ଭଡ଼ାଘର ବାହାରେ ରଖିଥିଲେ। ହେଲେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌କୁ ଚୋରି କରିନେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ସ୍କୁଲ ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଅଁରପାଳ,୫।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ପୁରାତନ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ କାଣ୍ଡସରସ୍ଥିତ ଜସମିନ ପ୍ୟାଲେସ ପରିସରରେ ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ଶିକ୍ଷକ ଦମ୍ପତ୍ତି ଗୁରୁ ଡ. ବିଜୟାନନ୍ଦ ପଣ୍ଡା ଓ ଡ. ସନ୍ଧ୍ୟାରାଣୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ପୂଜନ କରାଯାଇଥିଲା। ପୁରାତନ ଛାତ୍ର ଦିଲୀପ ସାହୁ ଗୁରୁଙ୍କୁ ପ୍ରଦାନ କରାଯାଇଥିବା ମାନପତ୍ର ପଠନ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଡ. ଅୟସକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ବିକାଶରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଜୟାନନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଗୁରୁଙ୍କୁ ପାଖରେ ପାଇ ପୁରାତନ ଛାତ୍ରୀଛାତ୍ର ଆତ୍ମ ବିଭୋର ହୋଇ ପଡ଼ିଥିଲେ। ଶିକ୍ଷକ ଦମ୍ପତ୍ତି ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ସୁଧୀର କୁମାର ମିଶ୍ର, ଉଲ୍ଲାସ ଚନ୍ଦ୍ର ଦାସ, ସୁବାଶିଷ ମିଶ୍ର, ଚୈତନ୍ୟ ମୁଦୁଲି, ହରେକୃଷ୍ଣ ସାହୁ, ତ୍ରିଲୋକେଶ ସାହୁ, କ୍ରିଷ୍ଣା ପ୍ରିୟଦର୍ଶିନୀ ଧର, ମହେଶ ମହାପାତ୍ର, ସୂର୍ଯ୍ୟକାନ୍ତ ଦାସ, ଦିଲୀପ ସାହୁ, ତାପସ ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# କଲେଜକୁ ରାଗିଂମୁକ୍ତ କରିବା ଉପରେ ଗୁରୁତ୍ୱ

ବଅଁରପାଳ,୫।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ଅରାହାଟ ନିକଟରେ ଥିବା ନାରାୟଣୀ ଇଞ୍ଜିନିୟରିଂ କଲେଜରେ ମଙ୍ଗଳବାର ଗୁରୁଦିବସ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତନ୍ମୟ କର, ନିର୍ଦ୍ଦେଶକ ତଥା ସମ୍ପାଦକ ବିଭୁଧେନ୍ଦୁ ବଳ ଓ ଅଧ୍ୟକ୍ଷା ରଶ୍ମିତାବାଳା ଗଡ଼ନାୟକ, ଡେପୁଟି ଡାଇରେକ୍ଟର ଦୀପକ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନକୁ କିପରି ରାଗିଂ ମୁକ୍ତ କରିବା ଓ ଛାତ୍ରୀଛାତ୍ରମାନେ କିପରି ନିୟମିତ ଭାବେ ଶ୍ରେଣୀରେ ଯୋଗଦେଇ ଅଧ୍ୟୟନ କରିବେ ସେ ନେଇ ନିର୍ଦ୍ଦେଶକ ବିଭୁଧେନ୍ଦୁ ମତପ୍ରକାଶ କରିଥିଲେ। ଛାତ୍ରୀଛାତ୍ର ଶାନ୍ତିଶୃଙ୍ଖଳା ସହ କିପରି ଅଧ୍ୟୟନ କରିବେ ଏବଂ ଉଚ୍ଚ ଶିକ୍ଷା ପାଇଁ ଅର୍ଥର ଯେପରି ପ୍ରତିବନ୍ଧକ ହେବନାହିଁ ସେ ନେଇ ଅନୁଷ୍ଠାନର ଅଧ୍ୟକ୍ଷ କର ସୂଚନା ଦେଇଥିଲେ। ସେହିପରି ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ସୁ-ସମ୍ପର୍କ ନେଇ ଅଧ୍ୟକ୍ଷା ଗଡ଼ନାୟକ ସୂଚନା ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବକୁ ତୃତୀୟ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ନାରାୟଣୀ ଇଞ୍ଜିନିୟରିଂ କଲେଜରେ ଗୁରୁଦିବସ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ ଅତିଥିମାନେ।

# ନାଲ୍‌କୋ ସିପିପିରେ ନୂତନ ଜିଜିଏମ୍ ନିଯୁକ୍ତ


ମନୋରଞ୍ଜନ ଆଚାର୍ଯ୍ୟ।


ସତ୍ୟବାଦୀ ମିଶ୍ର।

ବଅଁରପାଳ,୫।୯(ଉପେନ୍ଦ୍ର ରାଉତ)

ନାଲ୍‌କୋ ସିପିପି ପ୍ଲାଣ୍ଟରେ ମଙ୍ଗଳବାର ନୂତନ ଜିଜିଏମ୍ ଭାବେ ମନୋରଞ୍ଜନ ଆଚାର୍ଯ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ଓଏଣ୍ଡଏମ୍ ଜିଜିଏମ୍ ରହିଥିଲେ। ପ୍ଲାଣ୍ଟର ବିଭିନ୍ନ ସମସ୍ୟା ଉପରେ ଧ୍ୟାନ ଦେବେ ବୋଲି ମନୋରଞ୍ଜନ ପ୍ରକାଶ କରିଛନ୍ତି। ସେହିପରି ନୂତନ ଓଏଣ୍ଡଏମ୍ ଜିଜିଏମ୍ ଭାବେ ସତ୍ୟବାଦୀ ମିଶ୍ର ଯୋଗ ଦେଇଛନ୍ତି। ୨ ଅଧିକାରୀଙ୍କୁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ଉପସଭାପତି ପ୍ରଣବ ଜେନା, ଏନ୍‌ଏନ୍‌ଇୟୁ ସାଧାରଣ ସାମ୍ପାଦକ ରତ୍ନାକର ପରିଡା ପ୍ରମୁଖ ସ୍ୱାଗତ ଜଣାଇଛନ୍ତି। ପ୍ଲାଣ୍ଟରେ ଥିବା କୋଇଲା ସଙ୍କଟ, ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଉପରେ ନୂତନ ଜିଜିଏମ୍ ଦୃଷ୍ଟି ଦେବେ ବୋଲି ଶ୍ରମିକ ନେତାମାନେ ଆସ୍ଥା ପ୍ରକଟ କରିଛନ୍ତି।

# ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା



ଅନୁଗୋଳ,୫।୯(ଅମିତ ସାମଲ)

ଅନୁଗୋଳ ନିର୍ବାଚନ ମଣ୍ଡଳୀର ୩ ନଂ. ଜୋନ ବଲାସିଂହା ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଭାଜପା ତରଫରୁ ବିକ୍ଷୋଭ କରାଯାଇଛି। ଏଥିରେ ବହୁ ଭାଜପା କର୍ମୀ ଯୋଗଦେଇ ପଞ୍ଚାୟତବାସୀଙ୍କୁ ବିଜେଡି ସରକାରର କଳା କାରନାମା, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଅବଗତ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନକ୍ରମେ ଏହି ବିକ୍ଷୋଭରେ ବଲାସିଂହା ପଞ୍ଚାୟତ ଭାଜପା ସଭାପତି ପ୍ରତାପ ଦେହୁରୀ, ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଯଯାତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ଦିଲୀପ ଦାସ, ଭାଜପା ନେତା ଦୁଃଖବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ କନ୍ଦର୍ପ ମହାରଣା, ମନୋଜ ସାହୁ, ମୁନା ସାହୁ, ବିକାଶ ବେହେରା, ନରହରି ପ୍ରଧାନ, ଗଗନ ସାହୁ, ସୌମ୍ୟରଞ୍ଜନ ସାହୁ, ସୁନିଆ ବେହେରା, ପପୁ ବାରିକ, ନବକିଶୋର ଜାଲ, ଦିଲ୍ଲୀପ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡଗୋଳ, ୨ କୋର୍ଟଚାଲାଣ

କଣିହାଁ,୫।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ ଦେନାଳି ଗ୍ରାମ ରାମେଶ୍ୱର ମନ୍ଦିରରେ ପୂଜା କରିବାକୁ କେନ୍ଦ୍ରକରି ହୋଇଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳବାର ପୋଲିସ ୨ ପୂଜକଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ରବିବାର ରାମେଶ୍ୱର ମନ୍ଦିରରେ ପୂଜା କରିବାକୁ କେନ୍ଦ୍ର କରି ପୂଜକ ମଳୟ ଦାସ (୪୬) ଓ ଫିରୋଜ ଦାସ (୩୯)ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମଳୟଙ୍କ ଆକ୍ରମଣରେ ଫିରୋଜ ଆହତ ହୋଇଥିଲେ। ଫିରୋଜ ଏ ନେଇ ରେଙ୍ଗାଳି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ମଳୟ ଫିରୋଜଙ୍କ ବିରୋଧରେ ଏକ ପାଲଟା ଅଭିଯୋଗ କରିଥିଲେ। ପୋଲିସ ୨ଟି ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଛି।

# ଗୁରୁ-ଶିଷ୍ୟ ସମ୍ପର୍କ ନିବିଡ଼ ହେଉ


ବଇଣ୍ଡା ଶିଶୁ ମନ୍ଦିରରେ ଗୁରୁଦିବସ ପାଳନ କରାଯାଉଛି।

ବଇଣ୍ଡା,୫।୯(ପରିକ୍ଷିତ ସାହୁ)

ବିନାଗୁରୁରେ କାର୍ଯ୍ୟ ଆରମ୍ଭ ହୋଇ ନ ଥାଏ। ଗୁରୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଭଲ ମଣିଷ ହୋଇଥାନ୍ତି। ତେଣୁ ସବୁବେଳେ ଗୁରୁ-ଶିଷ୍ୟ ସମ୍ପର୍କ ନିବିଡ଼ ହେଉ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ଗୁରୁଦିବସ ଅବସରରେ ଉପସ୍ଥିତ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସଂକୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ, ମୁଖ୍ୟବକ୍ତା ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟା ସସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ସେଠୀ, ଉପ ସଭାପତି ଚୈତନ୍ୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି କିଶୋରନଗର ହାଇସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି। ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ସଂଗ୍ରାମ କେଶରୀ ପୃଷ୍ଟି, ବିନାୟକ ଦେହୁରୀ, ଭୈରବ ଦେହୁରୀ, ଚିନ୍ମୟୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

# ଅଙ୍ଗପଡ଼ାରେ ଚାରାରୋପଣ

ବଇଣ୍ଡା,୫।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକବିଦ୍ୟାଳୟ ପରିସରରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ନିଜ ଘରେ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର ସାହୁ, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ, ବିଜୟ ଗଡନାୟକ, ଭବାନୀ ଶଙ୍କର ପ୍ରଧାନ, ଆଶୁତୋଷ ମିଶ୍ର, ଜ୍ଞାନେନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।



ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

# ଯୁବତୀଙ୍କୁ ବଳାତ୍କାର ଘଟଣାରେ ଜଣେ ଗିରଫ

ଅନୁଗୋଳ,୫।୯(ଅମିତ ସାମଲ)

ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଘଟଣାରେ ପୋଲିସ ନିଶା ଥାନା ରାଇଝରଣ ଗ୍ରାମର ବିଜୟ କୁମାର ସାହୁ(୨୭)ଙ୍କୁ ଗିରଫ କରିଛି। ପୋଲିସ କହିଛି, ବିଜୟଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ୨ ବର୍ଷ ହେବ ପରିଚୟ ହୋଇଥିଲା। ଏହାପରେ ବିଜୟ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଏହି ଘଟଣା ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ବିଜୟଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ବିଜୟ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।

# ପଞ୍ଚାୟତର ନିଆରା କାର୍ଯ୍ୟକୁ ପ୍ରଶଂସା

ଛେଣ୍ଡିପଦା,୫।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପକ୍ଷରୁ ଭିନ୍ନ ଢଙ୍ଗରେ ଗୁରୁ ଦିବସ ପାଳନ କରିଛନ୍ତି। ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ପଞ୍ଚାୟତରେ ଥିବା ସମସ୍ତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସରପଞ୍ଚ ଅମରେଶ ନାଥ ନିମନ୍ତ୍ରଣ କରିଥିଲେ। ପ୍ରବେଶ ଦ୍ୱାରରେ ସରପଞ୍ଚ ଉପସ୍ଥିତ ରହି ସମସ୍ତ ଗୁରୁଙ୍କ ପାଦ ଧୋଇ ସ୍ୱାଗତ କରିଥିଲେ। ପରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଯୋଗଦେଇଥିବା ସମସ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଶ୍ରୀବତ୍ସ ମହାପାତ୍ର, ଦିଲୀପ କୁମାର ପ୍ରଧାନ, ଦୟାନିଧି ବେହେରା, ପ୍ରଶାନ୍ତ ପ୍ରଧାନ, ରାକେଶ ନାଥ, ରଞ୍ଜନ ପ୍ରଧାନ, ପୀତବାସ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ସୋମନାଥ ବିଶ୍ୱାଳ, କାବୁ ଗଡ଼ନାୟକ, ବୈଷ୍ଣବ ବେହେରା ପ୍ରମୁଖ ଯୋଗ ଦେଇଥିଲେ।


ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁଦିବସ ପାଳନ କରାଯାଉଛି।

# ଦୁର୍ନୀତି ବିରୋଧରେ ଗଣଧାରଣା

ଛେଣ୍ଡିପଦା,୫।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ପଞ୍ଚାୟତଠାରେ ଜରପଡା ଭାଜପା ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗଣଧାରଣା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜରପଡା ଗ୍ରାମ ଭାଜପା ସଭାପତି ଝାରୁ ସାହୁ, ଉପ ସଭାପତି କ୍ଷୀରୋଦ ସାହୁ, ଅନୁଗୋଳ ଜିଲା ଓବିସି ମୋର୍ଚ୍ଚା ଉପସଭାପତି କହ୍ନେଇ ସାହୁ, ଜରପଡା ମଣ୍ଡଳ ଉପ ସଭାପତି ଡମ୍ବରୁଧର ବେହେରା, ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଞ୍ଜନ ଦାସ, ସୁଜିତ୍ ସାହୁ, ପ୍ରମିଳା ପଲେଇ, ମନୋଜ ବେହେରା ପ୍ରମୁଖ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ବିଜେଡି କାଉନସିଲରଙ୍କ ନାମରେ ଏତଲା

ତାଳଚେର,୫।୯ (ମନୋଜ ନନ୍ଦ)

ତାଳଚେର ପୌରାଞ୍ଚଳର ୧୦ ନମ୍ବର ୱାର୍ଡ ବିଜେଡି କାଉନସିଲର ଅଜିତ କୁମାର ସାହୁଙ୍କ ନାମରେ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ପ୍ରଣତୀ ନନ୍ଦ ତାଳଚେର ଥାନାରେ ଏତଲା ଦେଇଛନ୍ତି। କାଉନସିଲର ସାହୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଯନ୍ତ୍ରୀ ନନ୍ଦ ଅଭିଯୋଗ କରିଛନ୍ତି, ଗତ ୪ ତାରିଖ ସନ୍ଧ୍ୟାରେ ସେ ଅଫିସ ପ୍ରକୋଷ୍ଠରେ ଫାଇଲ କାମ କରୁଥିବାବେଳେ କାଉନସିଲର ସାହୁ ସେଠାରେ ପହଞ୍ଚି ଉଚ୍ଚ ସ୍ୱରରେ କଥାବାର୍ତ୍ତା କରିବା ସହ ଅଫିସ ବାହାରକୁ ଆସିଲେ ଦେଖିନେବି ବୋଲି କହିଥିଲେ। ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଦେଇଥିଲେ। ସେ ଜଣେ ମହିଳା କର୍ମଚାରୀ ହୋଇଥିବାରୁ ଅବସାଦଗ୍ରସ୍ତ ହୋଇପଡିଛନ୍ତି। ନିଜ କାମରେ ଠିକ୍ ଭାବେ ଧ୍ୟାନ ଦେଇ ପାରୁନାହାନ୍ତି। ଏଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଯନ୍ତ୍ରୀ ସାହୁ ନିବେଦନ କରିଛନ୍ତି। ଏ ନେଇ କାଉନସିଲର ସାହୁ କହିଛନ୍ତି, ଅଭିଯୋଗ ସମ୍ପର୍କିତ କୌଣସି ପ୍ରମାଣ ଅଭିଯୋଗକାରୀ ଦେଇପାରିବେ ନାହିଁ। ଘଟଣା ସଂକ୍ରାନ୍ତରେ ତାଳଚେର ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ।

# ଗଣତନ୍ତ୍ରରେ ଗଣଙ୍କ ଭୂମିକା ବୁଝାଇଲା 'ଶିଢ଼ି'



ନାଟକ 'ଶିଢ଼ି'ର ଏକ ଦୃଶ୍ୟ।

### ଅଲଟରନେଟିଭ୍ ରିଦିମ ଥିଏଟରର ୧୦ମ ସ୍ୱନକ୍ଷତ୍ର

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳର ନାଟ୍ୟାନୁଷ୍ଠାନ ଅଲଟରନେଟିଭ୍ ରିଦିମ ଥିଏଟରର ୧୦ମ ସ୍ୱନକ୍ଷତ୍ର ମଙ୍ଗଳବାର ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟ୍ୟକାର ଦୀନେଶ ଦାସଙ୍କ ନିର୍ଦ୍ଦେଶନାରେ ନାଟକ 'ଶିଢ଼ି' ମଞ୍ଚସ୍ଥ ହୋଇଥିଲା। ଗଣତନ୍ତ୍ରରେ ଗଣଙ୍କର ଭୂମିକା କ'ଣ ତାହା ବୁଝାଇଥିଲା ଏହି ନାଟକ। ଜୀବନଟା ଏକ ଶିଢ଼ି ଭଳି। ଏହା କେବେ ଉପରକୁ ଉଠାଇଥାଏ ତ କେତେବେଳେ ତଳକୁ ଖସାଇଥାଏ। କେବେ ସଫଳତା ଆଡ଼କୁ, କେବେ ବିଫଳତା ଆଡକୁ ନେଇଥାଏ। ତେବେ ଏହା କେବଳ ଗୋଟିଏ ନୁହେଁ, ଦୁଃଖସୁଖ, ଭଲମନ୍ଦ, ଛୋଟବଡ଼ ଆଦି ବହୁ ପ୍ରକାର ଶିଢ଼ି ରହିଛି। ଆଗକୁ ବଢ଼ିବା ପାଇଁ ମଣିଷକୁ ସେହି ଶିଢ଼ିରେ ଚଢ଼ିବାକୁ ହୁଏ। ସମୟ ଓ ସଂଘର୍ଷର ଏହି ଶିଢ଼ି ଚଢୁ ଚଢୁ ମଣିଷ କେତେବେଳେ ପଡ଼ି ଖଣ୍ଡିଆ ଖାବରା ହୋଇଥାଏ ତ ପୁଣି କେବେ ଅଣନିଃଶ୍ୱାସୀ ହୋଇ ପୁଣି ଶିଢ଼ି ଚଢ଼ିଥାଏ। ଶାସନ ବ୍ୟବସ୍ଥାର ଭିନ୍ନ ରୂପକୁ ଏକ ବ୍ୟଙ୍ଗାତ୍ମକ ଢଙ୍ଗରେ ପ୍ରକାଶକରି ସୁନ୍ଦର ଓ ସଶକ୍ତ ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ ଦେଇଛି ଏହି ନାଟକ 'ଶିଢ଼ି'। ଏଥିରେ ବିଭିନ୍ନ ଭୂମିକାରେ ଅଲଟରନେଟିଭ ରିଦିମ ଥିଏଟର ଏକାଡେମୀ ଏବଂ ରିସର୍ଚ୍ଚର ଅଂଶିତ ନନ୍ଦ, ନାନ୍‌ସୀ ମହାନ୍ତି, ସାଇ ଚନ୍ଦନ ଦାସ, ଆୟୁଷ ଦାସ, ଅନମୋଲ ସ୍ୱାଇଁ, ରୁଦ୍ରାଂଶ ରାଜ, ଦୀପ୍ତାଂଶୁ ସାହୁ, ମିଲନ ଦାସ, ସ୍ୱସ୍ତିକ ସାହୁ, ଶ୍ରେୟାଂଶ ସିଂହ ଓ ଆଦିତ୍ୟା ନନ୍ଦ ଅଭିନୟ କରିଥିଲେ। ପଣ୍ଟୁ ମହାନ୍ତି ସଙ୍ଗୀତ ପରିଚାଳନା କରିଥିବା ବେଳେ ବିକାଶ ପ୍ରଧାନ ଆଲୋକ ସଜା କରିଥିଲେ। ଦେବଯାନୀ ଦାସ ଓ ତୁଷାରବାଳା ମହାନ୍ତି ନାଟକ ପରିଚାଳନା କରିଥିଲେ। ଜୟଦେବ ଶତପଥୀ, କାମାକ୍ଷା ପ୍ରସାଦ ରଣା, ପ୍ରମୋଦ କୁମାର ଦାସ, ହରେକୃଷ୍ଣ ସାହୁ, ଜୟଚନ୍ଦ ମହାପାତ୍ର, ଦେବକାନ୍ତ ମିଶ୍ର, ସୌମିତ୍ରୀ ପାଣିଗ୍ରାହୀ, ରାମେଶ୍ୱରୀ ପଟ୍ଟନାୟକ, ଆଶୁତୋଷ ପାଢୀ, ବିଶ୍ୱଜିତ ସାହୁ, ସତ୍ୟଜିତ ରାଉତ, ସୁଶାନ୍ତ କର, ମାଧବ ହେମ୍ବ୍ରମ, ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ, ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ବିଜୟ ସାହୁ, କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଦୀନେଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ମନୋହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାମାକ୍ଷା ପ୍ରସାଦ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ




ଡିପିଏସ୍‌ରେ ଗୁରୁଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଗୁରୁପୂଜନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନର୍ସରୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିସରରେ ହୋଇଥିବା ଆନ୍ତଃ ବିଦ୍ୟାଳୟ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋ–ଭାଇସ ଚେୟାରମ୍ୟାନ ବିନୋଦ କୁମାର ଦାସ ଓ ନିର୍ଦ୍ଦେଶକ ଡ. ଲଗ୍ନଜିତ୍ ଦାସଙ୍କ ମାର୍ଗଦର୍ଶନରେ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ଲାଜମା ଦାନ କଲେ ସାମାଜିକ କର୍ମୀ



ରଶ୍ମିରଞ୍ଜନ ପାଢ଼ୀ ପ୍ଲାଜମା ଦାନ କରୁଛନ୍ତି।

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ସହର ମୀନାବଜାର କୁମ୍ଭାରସାହି ସ୍ଥିତ ରାଇଜିଂ ଷ୍ଟାର କ୍ଲବ୍ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ରଶ୍ମିରଞ୍ଜନ ପାଢ଼ୀ ଭୁବନେଶ୍ୱର ଏମ୍ସ୍‌ରେ ରକ୍ତହୀନତାର ଶିକାର ହୋଇ ଚିକିତ୍ସିତ ହେଉଥିବା ଢେଙ୍କାନାଳର ପାର୍ଥ ସାରଥୀ ରଥଙ୍କୁ ସୋମବାର ପ୍ଲାଜମା ଦାନ କରି ମହାନତାର ପରିଚୟ ସୃଷ୍ଟି କରିଛନ୍ତି। ପୂର୍ବରୁ ପାଢ଼ୀ କ୍ଲବ ମାଧ୍ୟମରେ ଅନେକ ଥର ରକ୍ତଦାନ ଶିବିର ଆୟୋଜନ କରି ଜିଲା ରକ୍ତ ଭଣ୍ଡାରକୁ ରକ୍ତ ଯୋଗାଇଛନ୍ତି ଏବଂ ନିଜେ ୭୬ ଥର ରକ୍ତଦାନ କରିଛନ୍ତି। ରଶ୍ମିରଞ୍ଜନ ଜିଲା ଶିଳ୍ପ ଏବଂ ବାଣିଜ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ପାଢ଼ୀଙ୍କ ସୁପୁତ୍ର ଅଟନ୍ତି।

# ଲୋକଙ୍କୁ ଠିକ୍ ସୂଚନା ଦେବାକୁ ପରାମର୍ଶ

### ଲୋକକଳା ସଂସାଧନ ସଭ୍ୟଙ୍କୁ ପ୍ରଶିକ୍ଷଣ



ଜିଲାସ୍ତରୀୟ ଲୋକକଳା ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର।

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଜିଲାସ୍ତରୀୟ ଲୋକକଳା ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଲୋକମାନଙ୍କୁ ଠିକ୍ ଭାବେ ସୂଚନା ଦେବା ପାଇଁ କଳାକାରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କଳା ସଂସ୍କୃତି ମାଧ୍ୟମରେ ସଚେତନ କରାଇ ଲୋକମାନଙ୍କ ଜୀବନଯାପନ ଶୈଳୀରେ କିପରି ଉନ୍ନତି ଅଣାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିବିରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡ଼ା ଓ ହାଇସ୍କୁଲ ରୂପାନ୍ତରୀକରଣ ଭଳି ୧୦ଟି ପ୍ରମୁଖ କାର୍ଯ୍ୟକ୍ରମ ସମେତ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ରୂପରେଖ, କାର୍ଯ୍ୟକାରିତା ଓ ଏହାର ଉପାଦେୟତା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ବିଡିଓମାନେ ସମସ୍ତ ବ୍ଲକର କଳା ସଂସ୍କୃତି ସଂଘର ଉପସଭାପତି ଓ କଳାକାରମାନଙ୍କୁ ବୁଝାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ଦ୍ୱାରା ପରିବେଷଣ ହେବାକୁଥିବା ସଚେତନତା କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ସଂଯୋଜନା କରିଥିଲେ।

## ୧୨ ବର୍ଷର ବାଳକ ନିଖୋଜ

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ସହର ଖମାରସାହି ଅଞ୍ଚଳରୁ ରାହୁଲ ଚୌହାନ ନାମକ ଜଣେ ବାଳକ ମଙ୍ଗଳବାର ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ଟାଉନ ଥାନା ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଚଳାଇଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ରାହୁଲ ସ୍ଥାନୀୟ ଅଞ୍ଚଳର ନରେଶ ଚୌହାନଙ୍କ ପୁଅ। ସେ ହିନ୍ଦି–ନେପାଳୀ ସ୍କୁଲର ୮ମ ଶ୍ରେଣୀ ଛାତ୍ର।

## ଅସୁସ୍ଥ ହୋଇଗଲେ ରେଞ୍ଜର

ଅନୁଗୋଳ,୫।୯(ଅମିତ ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପମ୍ପାସର ରେଞ୍ଜରେ ହାତୀମୃତ୍ୟୁ ଘଟଣାରେ ପଚରାଉଚରାବେଳେ ମଙ୍ଗଳବାର ରେଞ୍ଜର ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ଡିଏଫଓ ସରୋଜ କୁମାର ପଣ୍ଡା କହିଛନ୍ତି, ରେଞ୍ଜର ଅସୁସ୍ଥ ଅଛନ୍ତି।

## କୃଷ୍ଣଚନ୍ଦ୍ର ଜିଲା ଛାତ୍ର କଂଗ୍ରେସ ସଭାପତି

କାମାକ୍ଷାନଗର,୫।୯(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅଧୀନ ବାରୁଆଁ(ବି) ଗ୍ରାମର କୃଷ୍ଣଚନ୍ଦ୍ର ମିଶ୍ର ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି।



କୃଷ୍ଣଚନ୍ଦ୍ର ମିଶ୍ର

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ, ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର, ଶିକ୍ଷାରେ ସ୍ନାତକ (ବି.ଇଡି) କରିଥିବା କୃଷ୍ଣଚନ୍ଦ୍ର ୨୦୧୦ ମସିହାରୁ ଛାତ୍ର ରାଜନୀତିରେ ଜଡିତ ଅଛନ୍ତି। ଏଥିସହ ସେ ଦେଶକିବାତ ଫାଉଣ୍ଡେଶନର ଜିଲା ସଂଯୋଜକ ମଧ୍ୟ ରହିଛନ୍ତି। ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଥିବାରୁ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଉପସଭାପତି ରାହୁଲ ଗାନ୍ଧୀ, ଜାତୀୟ ଛାତ୍ର କଂଗ୍ରେସ ସଭାପତି କହ୍ନେୟା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରମୁଖଙ୍କୁ କୃଷ୍ଣଚନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।

# ସାନିଟେଶନ ୱାର୍କର ପ୍ରାପ୍ୟରୁ ବଞ୍ଚିତ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସାନିଟେସନ ୱାର୍କରମାନେ ।

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ଓ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବେସରକାରୀ ସାନିଟେସନ୍ ୱାର୍କରମାନେ ଗତ ୬ ମାସ ଧରି ବେତନ ପାଇ ନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ସାନିଟେସନ ୱାର୍କରମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ଦରମା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଲୋକ ନାୟକ, ସଞ୍ଜୟ ନାଏକ, ବଳରାମପୁରର ଅରୁଣ ନାଏକ, ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରସ୍ମିତା ନାୟକ, ରିନା ନାୟକ, ରେଖା ଗୋଛାୟତ, ରାଜୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସିସି ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ଡିସିସି ପ୍ଲେ ସ୍କୁଲ ପରିସରରେ କୁନିକୁନି ପିଲାମାନଙ୍କ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପର୍ବରେ କୁନିକୁନି ପିଲାମାନେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ରାଧାକୃଷ୍ଣଙ୍କ ବେଶରେ ସୁସଜ୍ଜିତ ହୋଇ ଉତ୍ସବ ପାଳନ କରିଛନ୍ତି ବୋଲି ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ସୂଚନା ଦିଆଯାଇଛି।



ଡିସିସି ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ।

# 'ନିଷ୍ଠା, ଏକାଗ୍ରତା ସଫଳତା ଦେବ'

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ରଣପଶିଠାରେ ଥିବା ସେଣ୍ଟ ଜାଭିୟର୍ସ ସ୍କୁଲ ପରିସରରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଦେବାଶିଷ ମିଶ୍ର ଏହାକୁ ଉଦ୍‌ଘାଟନ କରିବା ସହ ମାତା, ପିତାଙ୍କ ପରେ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କ ଦ୍ୱିତୀୟ ଈଶ୍ୱର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ନିଷ୍ଠା ଓ ଏକାଗ୍ରତାର ସହ ଆଗକୁ ବଢ଼ିଲେ ଜୀବନରେ ସଫଳତା ହାସଲ କରିହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ଯୋଗଦେଇ ଗୁରୁ–ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସ୍କୁଲ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ରାଜଶ୍ରୀ ଶତପଥୀ, ବିନୋଦ ମହାନ୍ତି, ରଞ୍ଜନ ନାୟକ, ଅରବିନ୍ଦ ସାହୁ, ବ୍ରଜ ମୋହନ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ପ୍ରିୟଙ୍କା ସାହୁ ଓ ଅଥୟ ସାହୁ ପ୍ରମୁଖ ଯୋଗଦେଇ ଗୁରୁଦିବସ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ମୁଖ୍ୟ ମନୋଜ ମହାନ୍ତିଙ୍କ ସମେତ ଦେବକାନ୍ତ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ସୀମରନ ଦାସ, ଅଂଶୁମାନ ଭରଦ୍ୱାଜ, ପ୍ରତୀକ୍ଷା ମିଶ୍ର, ଦିବ୍ୟାସା ମହାନ୍ତି, ସସ୍ମିତା ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସେଣ୍ଟ ଜାଭିୟର୍ସ ସ୍କୁଲ ପରିସରରେ ଗୁରୁ ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଦୁର୍ଘଟଣାରେ ଛାତ୍ର ଗୁରୁତର

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ୫୫ନଂ ଜାତୀୟ ରାଜପଥରେ ମଙ୍ଗଳବାର ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଆଇଟିଆଇ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଅସନବଣି ଗ୍ରାମର ପ୍ରଦୀପ ବେହେରଙ୍କ ବଡପୁଅ ଲିପୁନ ସାହୁ(୧୭)। ଲିପୁନ ଦୁଇଟି ବ୍ୟାଗରେ ପାଣି ବୋତଲ ଧରି ସାଇକେଲ ଯୋଗେ ଜୋରାଗାଡିଆ ଗ୍ରାମ ଅଭିମୁଖେ ଯାଉଥିବାବେଳେ ଏକ ଆଇରନ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଗୁରୁତର ହୋଇଥିବା ଲିପୁନଙ୍କୁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରୁ ଡାକ୍ତରମାନେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। କଣ୍ଟାବଣିଆ ଥାନା ଅଧିକାରୀ ଦୀପିକା ଦେବୀ ରାୟଙ୍କ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଓ ଲିପୁନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା।

# ଡାକ୍ତର ନାହାନ୍ତି, ରୋଗୀ ଦେଖୁଛନ୍ତି ଫାର୍ମାସିଷ୍ଟ




ବାଜିଚୌକଠାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର।

### ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

ଢେଙ୍କାନାଳ,୫।୯(ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ୩ଦିନ ହେଲା ଡାକ୍ତର ନ ଥିବାରୁ ଜଣେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବାଜିଚୌକଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଦକ୍ଷିଣକାଳୀ ରୋଡ୍‌ରେ ଥିବା ନୂତନ ବିଲ୍ଡିଂକୁ ସ୍ଥାନାନ୍ତର ହେବା ପରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଥିବା କୋଠା କୌଣସି କାର୍ଯ୍ୟରେ ନ ଲାଗି ପଡି ରହିଥିଲା। କୋଭିଡ୍ ସମୟରେ ଏହାକୁ କୋଭିଡ୍ ହସ୍ପିଟାଲ କରାଯାଇଥିଲା। ଯେହେତୁ ସହରରେ ଦିନକୁ ଦିନ ଜନସଂଖ୍ୟା ବଢ଼ିବାରେ ଲାଗିଛି ଏସବୁକୁ ନଜରରେ ରଖି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଥିଲା। ଏଠାରେ ଅତି କମ୍‌ରେ ଜଣେ ଡାକ୍ତର ନିୟମିତ ରୋଗୀ ଦେଖିବେ ବୋଲି ଦାବି ହୋଇଥିଲା। ତଦନୁଯାୟୀ ଗତ ୨୫ ଫେବୃୟାରୀ ୨୦୨୩ରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ପ୍ରତିଦିନ ଜଣେ ଡାକ୍ତର ସେଠାରେ ନିୟମିତ ରୋଗୀ ଦେଖୁଥିଲେ। କିନ୍ତୁ ଉକ୍ତ ଡାକ୍ତର ଯିବା ପରେ ଅନ୍ୟଜଣେ ଡାକ୍ତରଙ୍କୁ ସେଠାରେ ନିଯୁକ୍ତ କରାଯାଇଥିଲା। ସେ ପିଜି କରିବାକୁ ପଳାଇବାରୁ ଏଠାରେ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଡାକ୍ତରଖାନା ଚାଲିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କହିଛନ୍ତି, ଜଣେ ଡାକ୍ତର ଅବସର ନେଇଥିବାରୁ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେ ପିଜି କରିବା ପାଇଁ ଯିବା ପରେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ଖୁବଶୀଘ୍ର ଅନ୍ୟଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ତାଳଚେର,୫।୯(ମନୋଜ ନନ୍ଦ)

ତାଳଚେର ବ୍ଲକର ଗୁରୁଜାଙ୍ଗ ଓ ପଦ୍ମାବତୀପୁର ପଞ୍ଚାୟତ ଅଫିସ ସମ୍ମୁଖରେ ମଙ୍ଗଳବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୁର୍ନୀତି, ଭ୍ରଷ୍ଟାଚାର, ବଂଶବାଦ ରାଜନୀତି ସହ ବ୍ୟାପକ ପିସି କାରବାର ବିରୋଧରେ ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ନିଗମ ନିର୍ଦ୍ଦେଶକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଗୁରୁଜାଙ୍ଗ ପଞ୍ଚାୟତରେ ମଣ୍ଡଳ ସଭାପତି ନରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ସୁଶାନ୍ତ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଖଇରା ପ୍ରଧାନ ଓ କୃଷ୍ଣଚନ୍ଦ୍ର ଦାସ, ସନ୍ଥପଡା ସରପଞ୍ଚ ସହଦେବ ସାହୁ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଦିବ୍ୟରଞ୍ଜନ ଦାସ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପାଣି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଦ୍ମାବତୀପୁର ପଞ୍ଚାୟତରେ କୃଷ୍ଣଚନ୍ଦ୍ର ଦାସ, ତାପସ ସାହୁ, ରଞ୍ଜନ ପ୍ରଧାନ, ସରୋଜ ସାହୁ, ପିଣ୍ଟୁ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଖାଲି ସରକାରୀ ପଦବୀ ପୂରଣ ଦାବି



ଅନୁଗୋଳ ଜିଲା ଛାତ୍ର କଂଗ୍ରେସ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ ଜିଲା ଛାତ୍ର କଂଗ୍ରେସ କମିଟି ତରଫରୁ ନିଯୁକ୍ତି କ୍ରାନ୍ତି**

ଅନୁଗୋଳ,୫।୯(ଅମିତ କୁମାର ସାମଲ)

ରାଜ୍ୟରେ ବଢୁଥିବା ବେରୋଜଗାର ସମସ୍ୟାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି ଛାତ୍ର କଂଗ୍ରେସ। ମଙ୍ଗଳବାର ଅନୁଗୋଳ ଜିଲା ଛାତ୍ର କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଓ ପୂର୍ବତନ ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ କର୍ମୀ ଜିଲା କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାଶିର ନୱାଜ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଖାଲିଥିବା ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ପୂରଣ, ସମସ୍ତ ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ୮୦ ପ୍ରତିଶତ ଓଡ଼ିଆଙ୍କୁ ନିଯୁକ୍ତି, ଓଡ଼ିଶାକୁ ଫେରି ଜୀବିକା ନିର୍ବାହ କରିବାକୁ ଚାହୁଁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ତୁରନ୍ତ ପାକେଜ ଘୋଷଣା, ବେକାରଙ୍କୁ ୫ ହଜାର ଟଙ୍କା ଭତ୍ତା ଦେବାକୁ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ଅନୁଗୋଳ ଜିଲା କଂଗ୍ରେସ ଉପସଭାପତି ଦୁଷ୍ମନ୍ତ ଦଳବେହେରା, ଚିତ୍ତରଞ୍ଜନ ନାଏକ, ଶତ୍ରୁଘ୍ନ ସାହୁ, କିଷାନ କଂଗ୍ରେସ ରାଜ୍ୟ ଉପ ସଭାପତି ଉମେଶ ଚନ୍ଦ୍ର ସାହୁ, ବରିଷ୍ଠ ନେତା ବଳବୀର ସିଂ, କୁମୁଦବନ୍ଧୁ ଧର, ଗୋପୀନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଗୁରୁଙ୍କ ଭୂମିକା ଉପରେ ଆଲୋକପାତ


ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଙ୍କ ସହ କ୍ଲବ କର୍ମକର୍ତ୍ତା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଅନୁଗୋଳ,୫।୯ (ଅମିତ କୁମାର ସାମଲ)

ରୋଟାରି କ୍ଲବ ଅନୁଗୋଳ ରୟାଲ ପକ୍ଷରୁ ମଙ୍ଗଳବାର ଏକ ସ୍କୁଲ ପରିସରରେ ଗୁରୁ ଦିବସ ପାଳନ କରାଯାଇଛି। ସ୍କୁଲ ତରଫରୁ ନିଝାର ଅଲି ଦାମାନି ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବ ସଭାପତି ଡ. ମାଇକେଲ ଜନଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଆରତୀ ଷଡ଼ଙ୍ଗୀ, ରଶ୍ମୀରେଖା ସାହୁ, ସୁଶ୍ରୀ ଚନ୍ଦନ ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହିତ ସମାଜରେ ଗୁରୁଙ୍କ ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ସଂଯୋଜକ ଡ. ସୌମ୍ୟକାନ୍ତ ବିଶୋଇ ଆଲୋକପାତ କରିଥିଲେ। ଉପସଭାପତି ଜୟପ୍ରକାଶ ମୋଦି, ଊର୍ମିଳା ଅଗ୍ରୱାଲ, ମଧୁ ଗୁପ୍ତା, ମିଲନ କୁମାର ଅଗ୍ରୱାଲ, କିରଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷା ଇଭାଲିନ ରଥ, ଉପଦେଷ୍ଟା ସୀମରନ ବେଗମଙ୍କ ସମେତ ସମସ୍ତଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ନିର୍ଦ୍ଦେଶିକା ସଲିମା ଦମାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିରର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା

ଆଠମଲ୍ଲିକ,୫।୯ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରରେ ଥିବା ଜଗନ୍ନାଥ ମନ୍ଦିର ଓ ମାଉସୀ ମା' ମନ୍ଦିରର ଉନ୍ନତି ପାଇଁ ସୋମବାର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଜଗନ୍ନାଥ ମନ୍ଦିର ପାଇଁ ୧୦ ଲକ୍ଷ ଓ ମାଉସୀ ମା' ମନ୍ଦିର ପାଇଁ ୭ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାରୁ ଏଥିରେ ଉନ୍ନତୀକରଣ କାର୍ଯ୍ୟ ପାଇଁ ଏନ୍ଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଦେବୋତ୍ତର କମିଟି ଉପଦେଷ୍ଟା କମିଟିକୁ ନେଇ ଉପଜିଲାପାଳ ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଜଗନ୍ନାଥ ମନ୍ଦିର ରୋଷେଇ ଗୃହ, ପାନୀୟଜଳ ସୁବିଧା, ୩ ଠାକୁରଙ୍କ ଜିନିଷପତ୍ର ରଖିବା ଗୃହ ନିର୍ମାଣ, ମନ୍ଦିର ପରିସରରେ ଥିବା ଖୋଲାକୂପରେ ପାଣିପମ୍ପ ଲଗାଯିବା ଓ ମନ୍ଦିର ପରିସରରେ ସିସିଟିଭି ଲଗାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମାଉସୀ ମା' ମନ୍ଦିରରେ ମଧ୍ୟ ରୋଷେଇ ଗୃହ ନିର୍ମାଣ, ମନ୍ଦିର ଛାତକୁ ଗ୍ରେଡିଙ୍ଗ, ମନ୍ଦିର ଭିତର ଓ ବାହାରେ ଟାଇଲ ପକାଯିବା, ମନ୍ଦିର ଚାରିପାଖରେ ମାଟି ପକାଯାଇ ପେଭର ବ୍ଲକ ପକାଯିବା ଆଦି କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଦାୟିତ୍ୱରେ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଦେବୋତ୍ତର ଉପଦେଷ୍ଟା କମିଟି ସଭ୍ୟ ତଥା ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ସଭ୍ୟ ଆଇନଜୀବୀ ପୀତବାସ ସାହୁ, ସନ୍ତୋଷ ତ୍ରିପାଠୀ, ନବକିଶୋର ତ୍ରିପାଠୀ, ଜଗନ୍ନାଥ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, ଦେବୋତ୍ତର ବିଭାଗ ସହାୟକ ନଗେନ କୁମାର ରାଉତ ଉପସ୍ଥିତ ଥିଲେ।

# 'ବିନା ଗୁରୁରେ ସୁନାଗରିକ ସମ୍ଭବ ନୁହେଁ'

ତାଳଚେର,୫।୯(ମନୋଜ ନନ୍ଦ)

ସାମାଜିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ' ପକ୍ଷରୁ ମଙ୍ଗଳବାର ତାଳଚେର ଦେଉଳବେଡାସ୍ଥିତ ଡିସିଆଇ ହଲ୍‌ଠାରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ଏମ୍‌ପି ମହେଶ ସାହୁ ଏଥିରେ ଯୋଗଦେଇ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅବସର ଗ୍ରହଣ ପରେ ଛାତ୍ରୀଛାତ୍ରମାନେ ଭୁଲି ଯାଉଥିବା ବେଳେ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ସେହି ଆଦରଣୀୟ ପୂଜ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରିବାରେ ଅବହେଳା କରିନାହିଁ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଭୂମିକା ଯୁଗେ ଯୁଗେ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବୃନ୍ଦାବନ ସାହୁ ଯୋଗଦେଇ ବିନା ଗୁରୁରେ ଜଣେ ସୁ ନାଗରିକ ହୋଇପାରେ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ କମିଶନର ଅବନୀକାନ୍ତ ସାହୁ, ଅନୁଗୋଳ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ତାଳଚେର ପୌର ପରିଷଦ ନଗରପାଳ ପବିତ୍ର ଭୁତିଆ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ରମେଶ ବେହେରା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ ବିବରଣୀ ପାଠ ପ୍ରଦାନ କରିଥିଲେ। ହିଙ୍ଗୁଳା କ୍ଷେତ୍ର ଜିଏମ୍ ଏ.କେ. ସ୍ୱର୍ଣ୍ଣକର, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା, ପ୍ରିୟ ରଞ୍ଜନ ମାହୁନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବାନମ୍ବର ଭୁତିଆ, ପ୍ରକାଶ ସାହୁ, ରୋହିତ ବେହେରା, ରାଜୀବ ରାଉତ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ଗୁରୁମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯିବା ସହ ପ୍ରାୟ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଗୁରୁପୂଜନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପାଣିରେ ବୁଡ଼ି ଶିଶୁ ମୃତ

ଆଠମଲ୍ଲିକ,୫।୯ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ କଳାମାଟି ଗ୍ରାମ କେନାଲ ସାଇଫନରେ ପଡ଼ି ମଙ୍ଗଳବାର ସେହି ଗ୍ରାମର ଅଜିତ ରାଉତଙ୍କ ୬ ବର୍ଷର ପୁଅ ସ୍ୱରାଜ ରାଉତଙ୍କ ମୃତ୍ୟୁ ହୋଇଛି। ମୃତ ସ୍ୱରାଜ ସହରସ୍ଥିତ ଶିଶୁମନ୍ଦିରରେ ପ୍ରଥମ ଶ୍ରେଣୀର ଛାତ୍ର ଥିଲେ। ସକାଳୁ ବାପାଙ୍କ ସହିତ ସ୍ୱରାଜ ଗାଁ କଳାମାଟିକୁ ଯାଇଥିଲେ। ଗାଁରେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ସାଇଫନରେ ପଡ଼ିଯାଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିଶୁଙ୍କୁ ଉଦ୍ଧାର କରି ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅଏଡା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ମଧ୍ୟ କଳାମାଟି ଗ୍ରାମରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ।

# ପ୍ରାଥମିକ ସ୍ତରରୁ ଶିକ୍ଷା ମଜଭୁତ ହେଉ


ଆଲୋଚନାଚକ୍ରରେ ଉପସ୍ଥିତ ଯୁବକେନ୍ଦ୍ରର ସଦସ୍ୟମାନେ।

ବଇଣ୍ଡା,୫।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଯୁବକେନ୍ଦ୍ର ଓ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରମେଶ ମିଶ୍ରଙ୍କ ସଭାପତିତ୍ୱରେ 'ସଫଳ ଶିକ୍ଷା ପଛରେ ଶିକ୍ଷକ ଓ କେନ୍ଦ୍ରୀୟ ଶିକ୍ଷା ଯୋଜନା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଶିକ୍ଷାବିତ୍ ଡ. ନନ୍ଦକିଶୋର ମହାକୁଡ, ବଇଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ସାହୁ, ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ବସନ୍ତ ପ୍ରଧାନ, ଧୁବେଇ ବେହେରା, ଅରୁଣ ସାହୁ, ଦୀପକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଥମିକସ୍ତରରୁ ଶିକ୍ଷାକୁ ମଜଭୁତ କରିବାକୁ ଅଭିଭାବକମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ନିତ୍ୟାନନ୍ଦ ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଘନଶ୍ୟାମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବିଭିନ୍ନ ଗ୍ରାମରେ ଶିକ୍ଷା ନୀତିକୁ ନେଇ କରାଯାଇଥିବା ଶିଶୁ ଅଧିକାର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲୁହାମୁଣ୍ଡା ଗ୍ରାମ ସଭାପତି ବିବେକାନନ୍ଦ ବିଶ୍ୱାଳ, ଦିବ୍ୟାଙ୍ଗ ଶିକ୍ଷକ ରଶ୍ମିରଞ୍ଜନ ସାହୁ, ରଞ୍ଜିତ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱଯୁବକେନ୍ଦ୍ର ପୂର୍ବତନ ସଭାପତି ବସନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କୋଇଲା ସହ ଗାଡ଼ି ଜବତ, ୩ ଗିରଫ

ଅନୁଗୋଳ,୫।୯(ଅମିତ ସାମଲ)

ଅନୁଗୋଳ ସଦର ଥାନା ଅଞ୍ଚଳରେ ମଙ୍ଗଳବାର ପୋଲିସ ଚଢାଉ କରି ଏକ ୩ ଚକିଆ ଚୋରା କୋଇଲା ବୋଝେଇ ଗାଡ଼ି ଜବତ କରିଛି। ଏହି ଘଟଣାରେ ପୋଲିସ ଉକ୍ତ ଚୋରା କୋଇଲା ବୋଝେଇ ଗାଡ଼ିର ଡ୍ରାଇଭର ଢେଙ୍କାନାଳ ଜିଲା ରାସୋଳ ଥାନା ଈଶ୍ୱରପୁର ଅଞ୍ଚଳର ଅକ୍ଷୟ କୁମାର ସାମଲ(୪୦), ଅନୁଗୋଳ ଥାନା ଆମ୍ବେଦକର ନଗରର ପ୍ରକାଶ ମୁଖ(୪୫) ଏବଂ ହେଲପର କରଡ଼ାଗାଡ଼ିଆର ବିଷ୍ଣୁ ଚରଣ ସାମଲ(୩୫)ଙ୍କୁ ଗିରଫ କରିଛି। ଜବତ ଗାଡ଼ିରୁ ୧.୩ ଟନ କୋଇଲା ଜବତ କରାଯାଇଥିବା ସଦର ଥାନା ଏସ୍ଆଇ ସତ୍ୟରଞ୍ଜନ ଲେଙ୍କା ପ୍ରକାଶ କରିଛନ୍ତି। ପୋଲିସ ନଂ. ୪୯୧/ ୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାର ଅଧିକ ତଦନ୍ତ ଏସ୍ଆଇ ଆଶୁତୋଷ ସାମଲ କରୁଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# 'କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ ସଫଳତା ମିଳିବ'



ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଉଛି।

ଛେଣ୍ଡିପଦା,୫।୯(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ବଡ଼ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନଶିକ୍ଷକ ଫକିର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜେଏସ୍‌ପି ଡିଜିଏମ୍ (ସିଏସ୍ଆର) ଆଶୁତୋଷ ମିଶ୍ର, ଅନୁଗୋଳ ଜେଏସ୍‌ପି ଆସିଷ୍ଟାଣ୍ଟ ମ୍ୟାନେଜର ତାପସ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗୁରୁଙ୍କ ଆଦର୍ଶକୁ ମାନି କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ ସଫଳତା ମିଳବ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବବ୍ରତ ପଣ୍ଡା ଗୁରୁବିନା ଶିକ୍ଷା ଅସମ୍ଭବ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ଓଝା କବିତା ପାଠ କରିଥିଲେ। ଛାତ୍ରୀ ଆୟୁର୍ଶିତା ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ହଂଶିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ରଥ

ଅନୁଗୋଳ,୫।୯(ଅମିତ କୁମାର ସାମଲ)

କେନ୍ଦ୍ର ସରକାର ଦେଶରେ ଶହୀଦମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଅନୁଗୋଳ ଜିଲାରେ ମଙ୍ଗଳବାର ଏହାର ଶୁଭାରମ୍ଭ ହୋଇଛି। ଅନୁଗୋଳ ଜଗନ୍ନାଥ ମନ୍ଦିରଠାରେ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଶୁଭାରମ୍ଭ କରିଥିଲେ। ଅନୁଗୋଳ ଜିଲାର ସମସ୍ତ ୫ଟି ବିଧାନସଭା କ୍ଷେତ୍ରରେ ମାଟି ସଂଗ୍ରହ ପାଇଁ ଆସିଥିବା ୧୦ଟି ରଥକୁ ବରିଷ୍ଠ ନେତା ପାଣି ସବୁଜ ପତାକା ଦେଖାଇଥିଲେ। ଏହି ରଥ ଜିଲାର ଗ୍ରାମକୁ ଗ୍ରାମ ବୁଲି ବୀର ମାଟିକୁ ଅମୃତ କଳସରେ ସଂଗ୍ରହ କରିବ। ସମସ୍ତ ସଂଗୃହୀତ ମାଟି ଦିଲ୍ଲୀ ପଠାଯିବ। ସେଠାରେ ଅମୃତ ବାଟିକା ସ୍ଥାପନ ସହ ଶହୀଦଙ୍କ ଫଳକ ଲାଗିବ। ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ରଥଗୁଡିକୁ ସହର ପରିକ୍ରମା କରି ବିଭିନ୍ନ ବିଧାନସଭା କ୍ଷେତ୍ରକୁ ପ୍ରେରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଦିଲୀପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବିଶ୍ୱଜିତ ମିଶ୍ର, ପ୍ରଦୀପ ପ୍ରଧାନ, କାଉନସିଲର ସରିତା ମିଶ୍ର, ସ୍ମିତା ପଟ୍ଟନାୟକଙ୍କ ସମେତ ନେହେରୁ ଯୁବକେନ୍ଦ୍ରର କର୍ମକର୍ତ୍ତା ସାମିଲ ହୋଇଥିଲେ।



ଅନୁଗୋଳ ଜିଲାରୁ ବୀର ମାଟି ସଂଗ୍ରହ କରିବାକୁ ଥିବା ରଥର ଶୁଭାରମ୍ଭ କରାଯାଉଛି।

# 'ସମାଜକୁ ଶିକ୍ଷା ଦିଏ ନାଟକ'

**ରାଜ୍ୟସ୍ତରୀୟ ନାଟକ ଉତ୍ସବର ୪ର୍ଥ ସନ୍ଧ୍ୟା**

ଅନୁଗୋଳ,୫।୯(ଅମିତ କୁମାର ସାମଲ)

ନୈତିକତା, ମାନବିକତା ଓ ଆଦର୍ଶକୁ ପ୍ରତି ମୁହୂର୍ତ୍ତରେ ହତ୍ୟା କରାଯାଉଛି। ମାନବ ସଂସ୍କୃତିର ଅପମୃତ୍ୟୁ ଘଟିଛି। ହିଂସା, ରକ୍ତପାତ, ଉଗ୍ରବାଦ ଓ ପରମାଣୁ ଯୁଦ୍ଧର କୋକୁଆ ଭୟ ମଧ୍ୟରେ ସମସ୍ତେ ଆତଙ୍କିତ। ଘୃଣା, ସନ୍ଦେହ ଓ ଅନ୍ଧବିଶ୍ୱାସରେ ଆଜି ସାରା ପୃଥିବୀ ଜର୍ଜରିତ। ପ୍ରଶାସନର ସୁରକ୍ଷା ବଳୟ ଭିତରେ ରହି ମଧ୍ୟ ଆଜି ମଣିଷ ନିଜକୁ ଅସୁରକ୍ଷିତ ମନେ କରୁଛି। ପ୍ରତି ମୁହୂର୍ତ୍ତରେ ଆତତାୟୀର ଆତଙ୍କରେ ମଣିଷ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏପରି ଏକ ଘଟଣାବଳୀକୁ ନେଇ ଅନୁଗୋଳ ସଭାଘରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ନାଟକ 'କୋକୁଆ'। ରାଜ୍ୟସ୍ତରୀୟ ନାଟକ ଉତ୍ସବର ୪ର୍ଥ ସନ୍ଧ୍ୟାରେ ପରିବେଷିତ ଏହି ନାଟକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିବା ସହ ନାଟକ ସମାଜକୁ ଶିକ୍ଷା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶୀ ନୃତ୍ୟ ଗୁରୁ ଅନିତା ସିଂଦେଓ ପ୍ରମୁଖ ଯୋଗଦେଇଥିଲେ।

ଅବସରପ୍ରାପ୍ତ ମେଜର ମହେଶ୍ୱର ମର୍ଦ୍ଦରାଜଙ୍କ ପୁଅ ଓ ବୋହୂ ରାଉରକେଲାରେ ରୁହନ୍ତି। ଝାଡ଼ଖଣ୍ଡରୁ ଆତଙ୍କବାଦୀ ସହର ଭିତରକୁ ପଶି ଆସିଛନ୍ତି। ଯେଉଥିପାଇଁ ସହର ସାରା କୋକୁଆ ଭୟ ଖେଳିଯାଇଛି। ହଠାତ୍ ବାପା ମହେଶ୍ୱର ମର୍ଦ୍ଦରାଜ ଗାଁରୁ ପୁଅ ଓ ବୋହୂଙ୍କ ପାଖକୁ ଆସିଛନ୍ତି। କୋକୁଆ ଭୟ ସୃଷ୍ଟି ହୋଇଥିବାରୁ ଚାକରାଣୀ ମହେଶ୍ୱର ମର୍ଦ୍ଦରାଜଙ୍କୁ ଆତଙ୍କବାଦୀ ଭାବି ପୋଲିସକୁ ଖବର ଦେଇଛି। ହେଲେ ପୁଅ ବୋହୂ ଆସି ବାପାଙ୍କୁ ଚିହ୍ନିଲା ପରେ ସମସ୍ତଙ୍କ ଭ୍ରମ ଦୂର ହୋଇଛି। ନିଜର ଭୁଲ ପାଇଁ ଚାକରାଣୀ ମହେଶ୍ୱର ମର୍ଦ୍ଦରାଜଙ୍କୁ କ୍ଷମା ମାଗିଛନ୍ତି। ନାଟକ 'କୋକୁଅ'ର ଏହି ବିଷୟବସ୍ତୁ ଓ କଳାକାରମାନଙ୍କ ଚମତ୍କାର ଅଭିନୟ ଦର୍ଶକମାନଙ୍କ ମନ ଜିଣିଥିଲା। ଚିନ୍ତାମଣି ଜେନା ନାଟକର ରଚନା କରିଥିବା ବେଳେ ପଞ୍ଚାନନ ପାତ୍ର ନିର୍ଦ୍ଦେଶନା ଦେଇଛନ୍ତି। ରାଉରକେଲାର ପରିଚୟ ଅନୁଷ୍ଠାନର କଳାକାର ପଞ୍ଚାନନ ପାତ୍ର,ସୂର୍ଯ୍ୟରଶ୍ମି ଦାଶ, ଗିରିଜା ଶଙ୍କର ସ୍ୱାଇଁ, ଜଗବନ୍ଧୁ କୁମାର, ବିନିତ ଶର୍ମା, ସ୍ମୃତି ଶିଖା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଏଥିରେ ଅଭିନୟ କରିଥିଲେ।


ନାଟକ କୋକୁଆର ଏକ ଦୃଶ୍ୟ।

